



# ଆଇଟିଇଆର୍‌ର ବାର୍ଷିକ ଉତ୍ସବ 'ଜେନେସିସ୍-୧୦' ଉଦ୍‌ଘାଟିତ

ଭୁବନେଶ୍ୱର, (ବ୍ୟୁରୋ): ଅଗ୍ରଣୀ ବୈଷୟିକ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନ ଆଇଟିଇଆର୍ କଲେଜର ବାର୍ଷିକ ଉତ୍ସବ 'ଜେନେସିସ୍-୧୦' ଜାଗମରାସ୍ଥିତ କ୍ୟାମ୍ପସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଡିନ୍ ପ୍ରଫେସର କେ.କେ. ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମକୁ ସମ୍ମାନିତ ଅତିଥି ତଥା ୱିପ୍ରୋର ଅନ୍ତର୍ଜାତୀୟ ମାନବସମ୍ବଳ ମୁଖ୍ୟ କାନନ୍ ରାମାୟା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି ବୋଲି ଏହି ଅବସରରେ ସେ କହିଥିଲେ। ଡିନ୍ ପ୍ରଫେସର ମିଶ୍ର ସଂକ୍ଷିପ୍ତରେ ଅନୁଷ୍ଠାନର ସଫଳତା ସମ୍ପର୍କରେ ଧାରଣା ଦେବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ଡିନ୍ ପ୍ରଫେସର ଏସ୍.ସି. ମିଶ୍ର ଭବିଷ୍ୟତରେ ନିଜର ବ୍ୟସ୍ତବହୁଳ କାର୍ଯ୍ୟ ମଧ୍ୟରୁ କିଛି ସମୟ ଉଚ୍ଚତର ଶିକ୍ଷା ତଥା ଗବେଷଣାରେ ବିନିଯୋଗ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ କିପରି ଜଣେ ସୁନାଗରିକ ହୋଇପାରିବେ, ସେଥିପ୍ରତି ଧ୍ୟାନ ଦେବାକୁ ଶ୍ରୀ ରାମାୟା କହିଥିଲେ। ୨୩ ତାରିଖରୁ ଆରମ୍ଭ ହୋଇଥିବା ଟେକ୍‌ଫେଷ୍ଟ 'ଚକ୍ରବ୍ୟୁହ'ର ବିଭିନ୍ନ ପ୍ରତିଯୋଗିତାରେ ଉନ୍ନୀତ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟର ୯୪୦ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ଡିନ୍ ପ୍ରଫେସର ମିଶ୍ର ଶ୍ରୀ ରାମାୟାଙ୍କୁ ମେମେଣ୍ଟୋ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ମାନସ ମଲ୍ଲିକ, ପ୍ରଫେସର ବି.କେ. ସରାପ୍, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।